ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ନଭେମ୍ବର, ୨୦୨୧



## ହୋଟେଲ ଶିଡ଼ିରୁ ଖସି ବୃଦ୍ଧ ମୃତ

**ପାରାଦୀପ(ସ୍ୱ.ପ୍ର.):** ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଦୋଛକି ନିକଟ ନନ୍ଦିଘୋଷ ହୋଟେଲରେ ସୋମବାର ରାତିରେ ଦୁର୍ଘଟଣା ଘଟିଛି। ହୋଟେଲ ଶିଡ଼ିରୁ ଖସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ରୋଡ ଅଞ୍ଚଳର ପାଗଡା( ୫୮)। ସେ ସନ୍ଧ୍ୟାରେ ଉକ୍ତ ହୋଟେଲକୁ ଆସି ରହିଥିଲେ। ହୋଟେଲ ଶିଡ଼ିରୁ ତଳକୁ ଓହ୍ଲାଉଥିବା ବେଳେ ଗୋଡ ଖସି ଯିବାରୁ ତଳେ ପଡ଼ି ଗୁରୁତର ହୋଇଥିଲେ। ହୋଟେଲ କର୍ମଚାରୀ ତାଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ପାଗଡାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ସମ୍ପର୍କରେ ଅଧିକ ସୂଚନା ମିଳି ନ ଥିବା ବେଳେ ଖବରପାଇ ଲକ୍‌ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସଂକ୍ଷେପରେ

## କୃଷି ରଥର ଶୁଭାରମ୍ଭ



**ବିରିଡି/ରଘୁନାଥପୁର,୮।୧୧ (ଡି.ଏନ୍.ଏ.):** ଓଡିଶା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ସୋମବାର ବିରିଡି ଓ ରଘୁନାଥପୁର ବ୍ଲକରେ କୃଷି ରଥର ଶୁଭାରମ୍ଭ କରାଯାଇଛି। ବିରିଡ଼ି ବ୍ଲକ କୃଷି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ସହକାରୀ କୃଷି ଅଧିକାରିଣୀ ମାନସୀ ମଧୁଭାଷିଣୀ ପଶାୟତ, ଆତ୍ମା କମିଟି ଅଧକ୍ଷ ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ରଥ ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଲି ନୃତ୍ୟ, ଗୀତ ମାଧମରେ କୃଷିଭିତ୍ତିକ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବ ବୋଲି ପଶାୟତ ସୂଚନା ଦେଇଥିଲେ। ସେହିପରି ରଘୁନାଥପୁର ବ୍ଲକରେ ଜିଲା କୃଷି ଅଧିକାରୀ ସେଠୀ ପତାକା ଦେଖାଇ କୃଷି ରଥକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସହକାରୀ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ମନସ୍ୱିନୀ ଲେଙ୍କା ଓ ପରମାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଜିଓ ଟ୍ୟାଗିଂ କର୍ମଚାରୀଙ୍କ ଦାବିପତ୍ର

**ରାଜନଗର,୮।୧୧(ଡି.ଏନ.ଏ.):** ଓଡ଼ିଶା ଜିଓ ଟ୍ୟାଗିଂ କର୍ମଚାରୀ ସଂଘ ରାଜନଗର ଶାଖା ପକ୍ଷରୁ ୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ମାସିକ ମାନଦେୟ ସହିତ କାର୍ଯ୍ୟ ଚିଠା ପ୍ରଦାନ କରାଯିବା, ପଞ୍ଚାୟତସ୍ତରରେ ଜିଓ ଟ୍ୟାଗିଂ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପଦବୀ ଦିଆଯିବା, ମାସିକ ମୋବାଇଲ ସପୋର୍ଟ ପ୍ରଦାନ କରିବା ଏବଂ ଟ୍ୟାଗ ଅଫିସର ଇନ୍ସେଟିଭ ଦିଆଯିବା ପ୍ରଭୃତି ୪ ଦଫା ଦାବିଗୁଡିକ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୭ଠାରୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏହି ଜିଓ ଟ୍ୟାଗିଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୀର୍ଘ ୫ବର୍ଷ ଧରି ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ, ଦିବ୍ୟାଙ୍ଗ ଯୋଜନାର କାର୍ଯ୍ୟ କରୁଛନ୍ତି। ଏହାଛଡା କାଳିଆ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଯ୍ୟକରି ଆସୁଥିଲେ ମଧ ରାଜ୍ୟ ସରକାର ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବାକୁ ସଂଘର ସଭାପତି ସମୀର କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗଣପତି ମଣ୍ଡଳ, ଉପସଭାପତି ବନ୍ଦିତା ବେହେରା, ସମ୍ପାଦକ ବୁଦ୍ଧିରାମ ସେଠୀ, ସହସମ୍ପାଦକ ସୁମିତ୍ରା ସୁତାର, ରତ୍ନାକର ଦାସ, ଲୋପାମୁଦ୍ରା ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଗୋଡ଼ାରେ ଆଦିତ୍ୟ ବାହିନୀ ବୈଠକ

**ଜଗତ୍‌ସିଂହପୁର ଅଫିସ,୮।୧୧:** ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ତଥା ପୁରୀ ପୀଠାଧିଶ୍ୱର ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିତ୍ୟ ବାହିନୀର ବୈଠକ ସୋମବାର ଗୋଡ଼ା ଯଶପୁରସ୍ଥିତ ଶ୍ରୀ ଜଗନ୍ନାଥ ସେବା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାହିନୀ ଓଡ଼ିଶା ପ୍ରାନ୍ତ ମହାସଚିବ ଶୁଭେନ୍ଦୁ ସ୍ୱାଇଁଙ୍କ ପୌରୋହିତ୍ୟ କରିଥିଲେ। ବୈଠକରେ ପ୍ରାନ୍ତ ସହ ସଚିବ (ପ୍ରଚାର) ସୁରେଶ ଚୌଧୁରୀ, ମାନସ ରଞ୍ଜନ ସ୍ୱାଇଁ, ଲିଙ୍ଗରାଜ ପତି ଓ ଶିବଚରଣ କାଠୁଆ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ବାହୁ ବଳେନ୍ଦ୍ର ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଜିଲା କ୍ଷେତ୍ରୀୟ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଦାୟିତ୍ୱ ଦିଆଯାଇଥିଲା।

# ଆର୍‌ଟିଆଇ ତଥ୍ୟ ରହସ୍ୟ ଖୋଲିଲା

## ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ

- ଅନୁଧ୍ୟାନ ରିପୋର୍ଟରେ ପରିବେଶକୁ ଉପେକ୍ଷା
- ଆଇଆଇଟି ହାଇଦ୍ରାବାଦକୁ ହୋଇନାହିଁ ଚିଠି

**କେନ୍ଦ୍ରାପଡ଼ା ଅଫିସ, ୮।୧୧**

ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦର ଅନ୍ତ ଘଟୁନାହିଁ। ଏହି ମେଗା ପାନୀୟ ଜଳ ପ୍ରକଳ୍ପର ଗୋଟିଏ ପରେ ଗୋଟିଏ ରହସ୍ୟ ଆରଟିଆଇ ଖୋଲି ଚାଲିଛି। ପ୍ରକଳ୍ପ ପାଇଁ ବ୍ୟବହାର ହୋଇଥିବା ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟର ବାସ୍ତବିକତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି। ଡ. ଶଶୀଧର ଆଇଆଇଟି ହାଇଦ୍ରାବାଦର ସହକାରୀ ପ୍ରଫେସର ଥିବାବେଳେ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ପାଇଁ କେଉଁ ପରିସ୍ଥିତିରେ ରିପୋର୍ଟ ପ୍ରସ୍ତୁତ କରିଥିଲେ, ତାହାର ଉତ୍ତର ମିଳୁନି। ଭଦ୍ରକ ଜିଲାର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଆଇଆଇଟି ହାଇଦ୍ରାବାଦକୁ କୌଣସି ଚିଠି କରିନାହାନ୍ତି ବୋଲି ସୂଚନା ଅଧିକାର ଆଇନ (ଆରଟିଆଇ)ରେ ତଥ୍ୟ ମିଳିଛି। ସେହିପରି ପ୍ରକଳ୍ପ ସମୟରେ ଭିତରକନିକା ଇକୋ ସେନ୍ସିଟିଭ ଗାଇଡ୍ ଲାଇନକୁ ଉପେକ୍ଷା କରାଯାଇଥିବା ସ୍ପଷ୍ଟ ହୋଇଛି।

ଭଦ୍ରକ ଜିଲାର ୯୧ ପଞ୍ଚାୟତବାସୀଙ୍କ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ନିଆଯିବ। ତେଣୁ ଏଠାରେ ଇନ୍‌ଟେକ ୱେଲ ନିର୍ମାଣ ହେଉଛି। ପ୍ରକଳ୍ପର ଦୁଇ ସ୍ଥାନ ଭିତରକନିକା ଇକୋ ସେନ୍ସିଟିଭ ଜୋନ ମଧ୍ୟରେ ଥିବାରୁ ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟ ଦରକାର। ଏହାକୁ ଇକୋ ସେନ୍ସିଟିଭ ଜୋନ କମିଟି ମେମ୍ବର ଶ୍ରୀକାନ୍ତ ନାୟକ ବିରୋଧ କରିଥିଲେ। ସେହିପରି ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଦୁଇବର୍ଷ ହେଲା ପ୍ରକଳ୍ପକୁ ବିରୋଧ କରି ଆନ୍ଦୋଳନ ଚଳାଇଛି। ଏହି ପ୍ରକଳ୍ପକୁ ତୀବ୍ର ବିରୋଧ ପରେ ସ୍ଥାନୀୟ ଅଞ୍ଚଳର ରାକେଶ ମହାନ୍ତିଙ୍କୁ ପରିବେଶ ଓ ସାମାଜିକ ଅନୁଧ୍ୟାନ ରିପୋର୍ଟରେ ସେକେଣ୍ଡାରୀ ଡାଟା ପ୍ରୟୋଗ କରିଥିବା ଡ. ଶଶୀଧର ମେଲ ଯୋଗେ ଜଣାଇଥିଲେ। ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ଆଇଆଇଟି ହାଇଦ୍ରାବାଦ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ଚିଫ୍ ଇଞ୍ଜିନିୟର ଓ ଭଦ୍ରକ ଡିଭିଜନ, କେନ୍ଦ୍ରାପଡ଼ା ଜିଲାପାଳ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ ଜୁଲାଇ ୨୨ରେ ଆଇଆଇଟି ହାଇଦ୍ରାବାଦକୁ ବୈଷୟିକ ଅନୁଧ୍ୟାନ ରିପୋର୍ଟ ପ୍ରଦାନ ପାଇଁ ମଞ୍ଜୁରୀ ଦେଇଥିଲେ ମଧ ଏହି ପ୍ରକଳ୍ପର ରିପୋର୍ଟ ପ୍ରସ୍ତୁତ ପାଇଁ କୌଣସି ଚିଠି କରାଯାଇନାହିଁ। ୨୦୧୯ ଡିସେମ୍ବର ୨୦ଠାରୁ ନିର୍ମାଣକାରୀ ସଂସ୍ଥା ମେଗା ଇଞ୍ଜିନିୟରିଂ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ ଦ୍ୱାରା ଏହି ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡ. ଶଶୀଧରଙ୍କ ରିପୋର୍ଟକୁ ରାଜ୍ୟ ସରକାର ବ୍ୟବହାର କରୁଥିବା ଆରଟିଆଇ ତଥ୍ୟରେ ମହାନ୍ତିଙ୍କୁ ତଥ୍ୟ ମିଳିଛି। ସେହିପରି ବରୁଣାଡିହାରେ ପାଣି ପ୍ରକଳ୍ପ ପାଇଁ କୌଣସି ଜମି ଅଧିଗ୍ରହଣ ହୋଇନାହିଁ ବୋଲି କେନ୍ଦ୍ରାପଡ଼ା ଜିଲାପାଳ କହିଛନ୍ତି।

ଏ ସମ୍ପର୍କରେ ଜନ ଅଧିକାର ଅଭିଯାନ ସଭାପତି ଭୁବନମୋହନ ଜେନା, ସାମାଜିକ କର୍ମୀ ସଞ୍ଜୟ ବେହୁରା, ଅଧାପକ କ୍ଷୀତିଶ କୁମାର ସିଂହ, ଡ. ପ୍ରଦୀପ ତରାଇ, ଡ. ମିଲନ କୁମାର ପ୍ରମୁଖ କହିଛନ୍ତି, ଜୈବ ବିବିଧତାର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍ସିଟିଭ ଜୋନ ଚିହ୍ନଟ ହୋଇଛି। ପ୍ରକଳ୍ପର ମୁଖ୍ୟ ଦୁଇ ସ୍ଥାନ ଏହି ଜୋନ ମଧ୍ୟରେ ଥିବାରୁ ଏହାର ଅନୁଧ୍ୟାନ କରିବା ଆବଶ୍ୟକ। ତେବେ ରାଜ୍ୟ ସରକାରଙ୍କ ପ୍ରକଳ୍ପରେ କେଉଁ ପରିସ୍ଥିତିରେ ଡ. ଶଶୀଧରଙ୍କ ରିପୋର୍ଟକୁ ଆଧାର କଲେ ତାହା ଏବେ ପ୍ରଶ୍ନ ସୃଷ୍ଟି କରିଛି। ସେହିପରି ଆଇଆଇଟି ହାଇଦ୍ରାବାଦକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି କାହିଁକି ହୋଇ ନ ଥିଲା, ନିର୍ମାଣକାରୀ ସଂସ୍ଥାର କର୍ମଚାରୀଙ୍କ ନାମରେ ଥିବା ଜମିରେ ଇନ୍‌ଟେକ ୱାଲ ନିର୍ମାଣ ଚାଲିଥିବା ବେଳେ ରାଜ୍ୟ ସରକାରୀ ଅର୍ଥ ବ୍ୟୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଉପରେ ଅଯଥା ଚାପ ପ୍ରୟୋଗ ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ଆଦି ବହୁ ପ୍ରଶ୍ନ ରହିଛି। ଏସବୁ ଉତ୍ତର ଆଇନଗତ କାର୍ଯ୍ୟାନୁଷ୍ଠାନରେ ମିଳିପାରିବ ବୋଲି ସେମାନେ ମତ ଦେଇଛନ୍ତି।

## କ୍ଷତିପୂରଣ ଦାବିରେ ପିପିଏଲ ଫାଟକ ଆଗରେ ଧାରଣା

### ଦୁର୍ଘଟଣାରେ ଠିକା ଶ୍ରମିକଙ୍କ ମୃତ୍ୟୁ

**ପାରାଦୀପ,୮।୧୧(ସ୍ୱ.ପ୍ର.)**

ପାରାଦୀପ ଫସଫେଟସ ଲିମିଟେଡ (ପିପିଏଲ) କମ୍ପାନୀ ପରିସରରେ ରବିବାର ରାତିରେ ଏକ ହାଇୱା ଚଢ଼ିଯିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କମ୍ପାନୀ ସଂଲଗ୍ନ ରଙ୍ଗିଆଗଡ ଗ୍ରାମର ପ୍ରଶାନ୍ତ ମଲିକ। ଏନେଇ କ୍ଷତିପୂରଣ ଦାବିରେ ସୋମବାର ରଙ୍ଗିଆଗଡ ଗ୍ରାମବାସୀ ପିପିଏଲ୍ ମୁଖ୍ୟ ପାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପ୍ରଶାନ୍ତ ରାତିରେ ଜିପସମ୍ ବୋଝେଇ ଖଲାସ ଜାଗାରେ ଡ୍ୟୁଟି କରୁଥିଲେ। ଏହି ସମୟରେ ସେଠାରେ ଥିବା ଏକ ହାଇୱା ପଛକୁ ଫେରୁଥିବାବେଳେ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଛି। ଖବରପାଇ ପାରାଦୀପ ଆଦର୍ଶଥାନା ପୋଲିସ ପହଞ୍ଚି ମୃତଦେହ ଓ ଗାଡି ଜବତ କରିଛି। ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଧାରଣା ଦେବାରୁ ଠିକାସଂସ୍ଥା ଓ ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ୨.୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ଠିକା ସଂସ୍ଥାରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତ ଦିଆଯିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି। ଏହି ଆନ୍ଦୋଳନରେ ସାଗର ସାମଲ, ବାଳକୃଷ୍ଣ ସ୍ୱାଇଁ, ଅଞ୍ଜନ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଭାଜପା ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

### ମମିତା ମେହେର ହତ୍ୟା ଘଟଣା

**ଜଗତ୍‌ସିଂହପୁର ଅଫିସ/ ରାଜନଗର,୮।୧୧ (ଡି.ଏନ.ଏ.)**

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବିକରି ଜଗତ୍‌ସିଂହପୁର ଓ କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ସୋମବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସେମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜଗତ୍‌ସିଂହପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ସ୍ଥାନୀୟ ସୋମନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ୨ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ସମୟରେ ଜଗତ୍‌ସିଂହପୁର ଭାଜପା ନଗର ମଣ୍ଡଳ ସଭାପତି ଅକ୍ଷୟ କୁମାର ପାତ୍ର, ଆଳିପିଙ୍ଗଳ ମଣ୍ଡଳ ସଭାପତି ବିନୋଦ ମହାନ୍ତି, ମଣ୍ଡାସାହି ମଣ୍ଡଳ ସଭାପତି ଶିଶିର ପାତ୍ର, କାଦୁଆପଡ଼ା ମଣ୍ଡଳ ସଭାପତି ଧନେଶ୍ୱର ରାୟ, ପଳାଶୋଳ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାରାଦୀପ ପୌର ପ୍ରଶାସନିକ ଭବନ ଆଗରେ ଉଭୟ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପାର ଅଜିତ ଦାସ ଓ ସୁବ୍ରତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ବିରିଡି ବ୍ଲକ ଭାଜପା ପକ୍ଷରୁ ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା ଓ ପୁରଣମଣ୍ଡଳ ସଭାପତି ତରୁଣ କୁମାର ଦାସଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ତିର୍ତ୍ତୋଲରେ ରାଜ କିଶୋର ବେହେରାଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା। ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା ଓ ଜିଲା ଯୁବମୋର୍ଚ୍ଚା ଉପସଭାପତି ଜଗନାଥ ବାରିକଙ୍କ ନେତୃତ୍ୱରେ ମନ୍ତ୍ରୀ ମିଶ୍ର ଓ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନାଉଗାଁରେ ମଣ୍ଡଳ ସଭାପତି ନିଳୁରାମ ଜେନା ଓ ଏରସମାରେ ଭାଜପା ନେତା ଶିବବ୍ରତ ଦାସ, ନୃସିଂହ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ରାଜନଗରସ୍ଥିତ ସାନବଡଗୋପାଳପୁର ଛକରୁ ଶୋଭାଯାତ୍ରା ବାହାରି ଗୋପାଳପୁର, ତ୍ରିନାଥ ବଜାର ଓ ରାଜନଗର ବଜାର ପରିକ୍ରମା କରି ଥାନା ନିକଟରେ ପହଞ୍ଚି ଥିଲା। ଦିଲୀପ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଥାନା ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ନେତା ଭୁବନ ମୋହନ ଜେନା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଦୁର୍ଯ୍ୟୋଧନ ସାହୁ, ସୁଧୀର କୁମାର ରାଉତ ପ୍ରମୁଖ ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଜଗତ୍‌ସିଂହପୁର ବ୍ଲକ କାର୍ଯ୍ୟାଳୟ ଆଗରେ କୁଶପୁତ୍ତଳିକା ଦାହ କରାଯାଉଛି।

## କୋଭିଡ୍ ଟିକା ନେବାକୁ ଯାଉଥିବା ବିଧବାଙ୍କୁ ବଳାତ୍କାର ଉଦ୍ୟମ

**ନାଉଗାଁ,୮।୧୧(ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳର ଜଣେ ବିଧବା ରବିବାର ଟିକା ନେବାକୁ ଯାଉଥିବା ବେଳେ ତାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି। ଏ ନେଇ ସମ୍ପୃକ୍ତା ମହିଳା ସୋମବାର ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୨୯/୨୧) ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଉର (ଶାଳିପଦା) ଗ୍ରାମର ଦିଲୀପ ପୁହାଣ। ପୀଡିତାଙ୍କ ଅଭିଯୋଗ ଅନୁଯାୟୀ, ସେ ଅନ୍‌ଲାଇନ୍‌ରେ ଟିକା ପାଇଁ ପଞ୍ଜୀକରଣ କରିଥିଲେ। ପୁରୀ ଜିଲା ଖଣ୍ଡାସାହିସ୍ଥିତ ଟିକାକରଣ କେନ୍ଦ୍ରରେ ତାଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଏ ନେଇ ସେ ରବିବାର ଟିକା ନେବାକୁ ଛୋଟ ପୁଅକୁ ସାଙ୍ଗରେ ନେଇ ଚାଲି ଚାଲି ଯାଉଥିବାବେଳେ ଦିଲୀପ ତାଙ୍କୁ ଗାଡ଼ିରେ ଖଣ୍ଡାସାହିରେ ଛାଡି ଦେବେ ବୋଲି କହିଥିଲେ। ମାତ୍ର ଅଭିଯୁକ୍ତ ତାଙ୍କୁ ଏକ ଜଙ୍ଗଲିଆ ରାସ୍ତାରେ ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସମ୍ପୃକ୍ତା ମହିଳା ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏ ବିଷୟରେ କାହାକୁ ନ ଜଣାଇବାକୁ ଧମକ ଦେଇ ଅଭିଯୁକ୍ତ ଦିଲୀପ ସେଠାରୁ ପଳାଇ ଯାଇଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତରୀ ମାଇନା ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ତାଲିକାରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ



ସିଭିଲ ସୋସାଇଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

**କେନ୍ଦ୍ରାପଡା, ୮।୧୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୃତାନ୍ତ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇଛି। ଏହି ସଂଶୋଧିତ ତାଲିକାରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ହୋଇଥିବା କେନ୍ଦ୍ରାପଡ଼ା ଜିଲା ସିଭିଲ ସୋସାଇଟି ପକ୍ଷରୁ ସୋମବାର ଅଭିଯୋଗ ହୋଇଛି। ଏ ନେଇ ଏକ ଖବରଦାତା ସମ୍ମିଳନୀ ସହରର ପ୍ରେସ୍ କ୍ଲବ ପରିସରରେ ସୋସାଇଟି ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ କର୍ମକର୍ତ୍ତା ଦେବ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଦୀପ କୁମାର ଦାସ ଓ ଭାଗୀରଥି ଯେନା ଯୋଗଦେଇ ଏ ସମ୍ପର୍କରେ ହୋଇଥିବା ଅନିୟମିତତାକୁ ଦର୍ଶାଇଥିଲେ। ସେମାନେ କହିଥିଲେ, ନିର୍ବାଚନ କ୍ଷେତ୍ରରେ ପ୍ରାର୍ଥୀଙ୍କ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ। ୨୦୧୯ର ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସଂରକ୍ଷଣ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳାଙ୍କୁ ସାମିଲ କରାଯାଇଛି। ସେହିପରି ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ ସଂରକ୍ଷଣ କ୍ଷେତ୍ରରେ ୫୦ ପ୍ରତିଶତ ମଧ୍ୟରେ ସଂରକ୍ଷଣ କରାଯିବ ବୋଲି ସେପ୍ଟେମ୍ବର ୯ରେ ସଂଶୋଧନ ବିଲ ଆଗତ କରିଛନ୍ତି। ଏହାସତ୍ତ୍ୱେ ଚଳିତ ତ୍ରିସ୍ତରୀୟ ନିର୍ବାଚନ ପ୍ରକ୍ରିୟାରେ କେନ୍ଦ୍ରାପଡ଼ା ଜିଲା ସଂରକ୍ଷଣ ତାଲିକାରେ ଅନିୟମିତତା ହୋଇଛି। ଜିଲାରେ ୯ଟି ଅଧକ୍ଷ ପଦ ପାଇଁ ନିର୍ବାଚନ ହେବ। ତେବେ ଅଂସରକ୍ଷିତ ଭାବେ ମାତ୍ର ୨ଟି ବ୍ଲକ ସାମିଲ ହୋଇଛି। ଏହି ଜିଲାରେ ମହିଳାଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ଦେବା ପରେ ଏହା ପ୍ରାୟ ୭୦ ପ୍ରତିଶତକୁ ଛୁଇଁଛି । ଏ ନେଇ ପୂର୍ବରୁ ଜିଲା ପ୍ରଶାସନକୁ ଅଭିଯୋଗ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ସଂରକ୍ଷଣ ତାଲିକା ବଦଳା ନ ଗଲେ ଆଇନର ଆଶ୍ରୟ ନିଆଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଗହୀରମଥାରୁ ୫ ବୋଟ ଜବତ, ୩୦ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୮।୧୧(ଡି.ଏନ.ଏ.)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ କଟକଣା ନ ମାନି ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ୫ ବୋଟ ସୋମବାର ଜବତ କରିଛି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ପଇଁତରା ମାରୁଥିବା ବେଳେ ମାଦଳିମାଉଥ୍ ନିକଟରେ ମା'ପାର୍ବତୀ, ମା'ସାବିତ୍ରୀ, ଆନନ୍ଦ, ମା'ରାମଚାନ୍ଦିନୀ–୧୩୨, ମା'ରାମଚାନ୍ଦିନୀ–୧୬୧ ନାମକ ବୋଟକୁ ଜବତ କରିଛନ୍ତି। ଏହି ୫ ବୋଟରେ ଥିବା ୩୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ୫ ବୋଟରୁ ୭୦ କେଜି ମାଛ ଜବତ କରାଯାଇଛି। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ନଭେମ୍ବର ୧ ରୁ ଆରମ୍ଭ ହୋଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବର୍ଷତମାମ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଥିବା ବେଳେ ନଭେମ୍ବର ୧ରୁ ୭ମାସ ଧରି ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ କୂଳରୁ ୨୦ କିମି ଯାଏ ମାଛ ଧରା ଉପରେ କଟକଣା ଜାରି କରାଯାଇଛି। ଏ ନେଇ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରାଯାଉଥିଲେ ମଧ କଟକଣା ନ ମାନି ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ଧରା ପଡିଛନ୍ତି।

# ବ୍ଲକ ସମ୍ମୁଖରେ ମହିଳାଙ୍କ ଧାରଣା

**ରାଜନଗର, ୮।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ମିଶନ ଶକ୍ତି ଫେଡେରେଶନର ମହିଳା ମହାସଂଘ ଘର ତିଆରି ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ପଞ୍ଚାୟତର ମଧ୍ୟସ୍ଥଳୀ ବାଲିକଣା (ଗୋପପାଟଣା)ଠାରେ ନିର୍ମାଣ ହେବାକୁ ସ୍ଥିର ହୋଇଥିବା ମହାସଂଘ ଘର ନଗଡଠାରେ କରିବାକୁ ଲେଆଉଟ ଦିଆଯାଇଛି। ଏହାକୁ ନେଇ ସୋମବାର ଓସ୍ତିଆ ପଞ୍ଚାୟତ ମହିଳା ମିଶନ ଶକ୍ତି ଫେଡେରେଶନର କର୍ମକର୍ତ୍ତା ଓ ସଦସ୍ୟାମାନେ ରାଜନଗର ବ୍ଲକ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ମହାସଂଘର ଅହଲ୍ୟା ରାଉତ, ପୁଷ୍ପଲତା ବାରିକ, ସସ୍ମିତା ରାଉତ, ପ୍ରମିଳା ରାଉତ ପ୍ରମୁଖ ଶତାଧିକ ମହିଳା ଧାରଣାରେ ବସିଥିଲେ। ମହାସଂଘର ସଭାପତି, ସମ୍ପାଦିକା ଯେଉଁ ସ୍ଥାନ ସ୍ଥିରୀକୃତ କରିବେ, ସେହି ସ୍ଥାନରେ ମହାସଂଘ ଗୃହ ନିର୍ମାଣ ହେବ ବୋଲି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ ସମ୍ମୁଖରେ ମିଶନ ଶକ୍ତିର ମହିଳାମାନେ ଧାରଣା ଦେଉଛନ୍ତି।

## ସ୍କୁଲ ପାଚେରି ଭାଙ୍ଗି ବ୍ୟକ୍ତିଗତ ରାସ୍ତା ନିର୍ମାଣକୁ ବିରୋଧ



**ପଟ୍ଟାମୁଣ୍ଡାଇ, ୮।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଚାହାପଡା ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ଜଣେ ବ୍ୟକ୍ତି ରାସ୍ତା ନିର୍ମାଣ କରୁଛନ୍ତି। ଏହା ବିରୋଧରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀ ଓ ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତଙ୍କୁ ଗ୍ରାମବାସୀ ସୋମବାର ଅଭିଯୋଗ କରିଛନ୍ତି। ଗାଁର ଜଣେ ବ୍ୟକ୍ତି ୮ ଜଣ ଲୋକଙ୍କୁ ନେଇ ବିଦ୍ୟାଳୟର ପାଚେରିକୁ ଜବରଦସ୍ତ ଭାଙ୍ଗି ରାସ୍ତା ନିର୍ମାଣ କରୁଥିଲେ। ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ବାରଣ କରିବା ସତ୍ତ୍ୱେ ସେ ନ ଶୁଣି ପାଚେରି ଭାଙ୍ଗି ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟିକୁ ଅବଗତ କରାଇଥିଲେ। କମିଟିର ସଦସ୍ୟ, ଗ୍ରାମବାସୀ ବାରଣ କରିବା ପରେ ମଧ ବ୍ୟକ୍ତି ଜଣକ ପାଚେରି ଭାଙ୍ଗିବା ସହ ଆମ୍ବ ଗଛକୁ କାଟି ରାସ୍ତା କରୁଛନ୍ତି। ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଖଗେଶ୍ୱର ସାହୁ, ଅନିଲ ନାୟକ, ବିଜୟ ଓଝା ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି।

# କ୍ରୋମାଇଟ ପରିବହନ ବନ୍ଦ

- ୩ ମାସ ହେବ ବକେୟା ଟଙ୍କା ମିଳୁନାହିଁ
- କମ୍ପାନୀ କର୍ତ୍ତୃପକ୍ଷ,ଜିଲା ପ୍ରଶାସନ ଚୁପ୍

**କାଳିଆପାଣି,୮।୧୧(ଡି.ଏନ.ଏ.)**

ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍, ସାରୁଆବିଲ କ୍ରୋମାଇଟ ଖଣିରେ ସୋମବାର କ୍ରୋମାଇଟ ପରିବହନକୁ ଟ୍ରକ ମାଲିକମାନେ ବିରୋଧ କରି ବନ୍ଦ କରିଛନ୍ତି । ଏଥିପାଇଁ ଖଣିରେ ଅଚଳାବସ୍ଥା ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଟାଟାର ୩ କ୍ରୋମାଇଟ ଖଣିରେ ଏନ୍‌ଇସିସି (ନର୍ଥ ଇଷ୍ଟର୍ନ କାର୍ଗୋ କ୍ୟାରିୟର) ନାମକ ଠିକାଦାର ସଂସ୍ଥା କ୍ରୋମାଇଟ ପରିବହନ କାର୍ଯ୍ୟ କରୁଛି । ରାଜ୍ୟ ଓ ଜିଲା ବାହାରର ବିଭିନ୍ନ ପ୍ଲାଣ୍ଟକୁ ୦୬, ୧୦, ୧୨ ଓ ୧୪ ଚକିଆ ଟ୍ରକ ଯୋଗେ ପରିବହନ ଚାଲିଛି । ହେଲେ ଟ୍ରକ ମାଲିକମାନଙ୍କୁ ଠିକ୍ ସମୟରେ ଟଙ୍କା ଦିଆ ନ ଯାଇ ଏକ ପ୍ରକାର ଶୋଷଣ କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ଏହାକୁ ନେଇ ଠିକାଦାର ସଂସ୍ଥା ବିରୋଧ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଟାଟା ଖଣି କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି । ଏଥିରେ ଅତିଷ୍ଠ ହୋଇ ଖଣି ଅଞ୍ଚଳର ଶତାଧିକ ଟ୍ରକ ମାଲିକ ଏକଜୁଟ ହୋଇ ସୋମବାର ଖଣି ଭିତରକୁ ଟ୍ରକ ଲୋଡିଂ ପାଇଁ ଛାଡି ନ ଥିଲେ । ୨ରୁ ୩ ମାସ ହେବ ମାଲିକମାନେ ଚାଲାଣ ଡିପୋଜିଟ କରିଛନ୍ତି। ବକେୟା ଅର୍ଥ ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଗଲେ ମଧ୍ୟ ଟଙ୍କା ମିଳୁନାହିଁ। ଏଥିପାଇଁ ପରିବହନ ବନ୍ଦ କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରକ ମାଲିକମାନେ କହିଛନ୍ତି। ରାଜ୍ୟ ଭିତରକୁ ୬ ଚକିଆ ଟ୍ରକରେ ୧୪୪ ଟ୍ରିପ ଓ ୧୩/୧୪ ଚକିଆ ଟ୍ରକରେ ଆନ୍ଧ୍ରପ୍ରଦେଶର ଗିରିବିଡ଼ କାରଖାନାକୁ ୧୯ ଟ୍ରିପ କ୍ରୋମାଇଟ ପରିବହନ କରିବାକୁ କମ୍ପାନୀ ନୋଟିସ ଦେଇଥିଲା । ହେଲେ ମାଲିକମାନଙ୍କ ବିରୋଧ ଯୋଗୁ ପରିବହନ ବନ୍ଦ କରିବାକୁ କମ୍ପାନୀ ବାଧ ହୋଇଥିଲା । ଯେ ପର୍ଯ୍ୟନ୍ତ ଠିକାଦାର ବକେୟା ଟ୍ରକ ଭଡ଼ା ପ୍ରଦାନ ନ କରିଛନ୍ତି ସେ ପର୍ଯ୍ୟନ୍ତ ପରିବହନ ବନ୍ଦ ରହିବ ବୋଲି ଟ୍ରକ ମାଲିକମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି ବୋଲି ଟ୍ରକ ମାଲିକ ଆଶିଷ କୁମାର ଜେନା, ବୈକୁଣ୍ଠ ମହାନ୍ତ ପ୍ରକାଶ କରିଛନ୍ତି । ଏନେଇ ପରିବହନ ସଂସ୍ଥା ମ୍ୟାନେଜର ବିଚିତ୍ର ଦାସଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୭ ଦଫା ଦାବିରେ ଗଣ ସତ୍ୟାଗ୍ରହ

**ଏରସମା,୮।୧୧(ସ୍ୱ.ପ୍ର.)**

ଏରସମା ସଚେତନ ନାଗରିକ ମଞ୍ଚ ଓ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୭ ଦଫା ଦାବିରେ ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ସେଗୁଡିକ ହେଲା ଗତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ୩୦,୦୦୦ ଟଙ୍କା ପ୍ରଦାନ, ଫସଲ ପାଇଁ ଜଳସେଚନର ବ୍ୟବସ୍ଥା, ଜଟାଧାର ମୁହାଣ ଖନନ, ନଦୀପଠାରୁ ବେଆଇନ ଘେରି ଉଚ୍ଛେଦ, ଜବରଦଖଲକାରୀଙ୍କ କବଳରୁ ଲୁଣା ଜଙ୍ଗଲ ମୁକ୍ତ, ସମବାୟ ସମିତିର ପୁନର୍ଗଠନ, ଜପାରାସ୍ତା ରୋକୋରେ ସାମିଲ ହୋଇଥିବା ଆନ୍ଦୋଳନକାରୀ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଆଦି ଦାବି କରାଯାଇଥିଲା। ଏହି ଅବସରରେ ମଞ୍ଚ ସଭାପତି ପ୍ରବୀର ପଣ୍ଡା ଓ କୃଷକ ସଂଗଠନର ଜିଲା ଆବାହକ ପ୍ରସନ୍ନ କୁମାର କୁଅଁରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏରସମା ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଚାଷୀ ବଳରାମ ସେଠୀ, ଜ୍ଞାନରଞ୍ଜନ ଦାସ, ଉମାକାନ୍ତ ତରାଇ, ନବ ନିର୍ମାଣ ସଙ୍ଗଠନର ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ଅମୂଲ୍ୟ ମହାନ୍ତି, କରୁଣାକର ମଲ୍ଲ ଓ ଅଶୋକ ଜେନା ପ୍ରମୁଖ ଯୋଗଦେଇ ସରକାର ଓ ପ୍ରଶାସନ ଉପରେ ବର୍ଷିଥିଲେ। ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ସେଠାରେ ପହଞ୍ଚି ଦାବିପତ୍ର ଗହଣ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଦାସ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।





ଏରସମା ତହସିଲ କାର୍ଯ୍ୟାଳୟ ଆଗରେ ମହିଳା ଓ ପୁରୁଷମାନେ ସତ୍ୟାଗ୍ରହରେ ବସିଛନ୍ତି।

# ୩ ବର୍ଷରେ ୯ କର୍ମଚାରୀ ନିଲମ୍ବିତ, ୫ ବହିଷ୍କୃତ

- ଧାନ କିଣା, ଚାଷୀ ପଞ୍ଜୀକୃତରେ ଦୁର୍ନୀତି ବଢ଼ୁଛି
- ୨ଜଣ ପୁଣି ଅବସ୍ଥାପିତ, ଜଣଙ୍କର ମୃତ୍ୟୁ
- କାର୍ଯ୍ୟାନୁଷ୍ଠାନର ଛାଟ ରୋକିପାରୁନି ଅନିୟମିତତା

**ନୟାଗଡ଼ ଅଫିସ,୮।୧୧**

ନୟାଗଡ଼ ଜିଲାରେ ଧାନକିଣା ଓ ଚାଷୀ ପଞ୍ଜୀକରଣରେ ଦୁର୍ନୀତି ବଢ଼ି ଚାଲିଛି। କେତେ ଜଣ କର୍ମଚାରୀ ଦୁର୍ନୀତିରେ ଛନ୍ଦି ହୋଇ ପଡିଥିଲେ ମଧ ଧରାଧରି କରି ଖସିଯିବାରେ ସକ୍ଷମ ହେଉଥିବା ଅଭିଯୋଗ ହୋଇ ଆସୁଛି। ୩ ବର୍ଷରେ ୯ ଜଣ କର୍ମଚାରୀ ନିଲମ୍ବିତ ଓ ୫ଜଣ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ବହିଷ୍କୃତ ହୋଇ ସାରିଲେଣି। ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ପ୍ରାଥମିକ କୃଷି ସମବାୟ ସମିତିର ୮ ସମ୍ପାଦକ ଓ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି। ଅନ୍ୟପକ୍ଷେ ନିଲମ୍ବିତ ୮ ସମ୍ପାଦକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ପୁଣି ଅବସ୍ଥାପିତ ହୋଇ ସାରିଲେଣି। ଏଭଳିସ୍ଥଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ଅନୁଧ୍ୟାନ କଲେ ଜଣାପଡୁଛି, ଏହା ଅନିୟମିତତାକୁ ରୋକିବା ବଦଳରେ ବଢ଼ାଇ ଚାଲିଛି।

ସୂଚନାଯୋଗ୍ୟ, ଜିଲାରେ ରହିଛି ୧୫୭ ପ୍ରାଥମିକ କୃଷି ସମବାୟ ସମିତି। ପ୍ରତିବର୍ଷ ଧାନକିଣାରେ ଦୁର୍ନୀତି ହୋଇ ଆସୁଥିବା ଅଭିଯୋଗ ହେଉଛି। ଅଭିଯୋଗ ପରେ ପ୍ରଶାସନ ତଦନ୍ତ କରାଇ କେତେଜଣ କର୍ମଚାରୀଙ୍କୁ ନିଲମ୍ବନ ଓ ବହିଷ୍କାର କରୁଛି। ଏହାର ନଜିର ସ୍ୱରୂପ ୩ ବର୍ଷରେ ୯ କର୍ମଚାରୀ ନିଲମ୍ବିତ ଓ ୫ ବହିଷ୍କୃତ ହୋଇ ସାରିଛନ୍ତି। ତେବେ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଲମ୍ବନ କରି ପ୍ରଶାସନ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦେଉଛି ବୋଲି ଅଭିଯୋଗ ଉଠୁଛି। ଯେଉଁମାନେ କି ପୁଣି ଚାକିରି ଫେରିବାକୁ ଲବି ଆରମ୍ଭ କରି ଦେଉଛନ୍ତି। କିଛି ସଫଳ ମଧ ହୋଇଛନ୍ତି। ଅନ୍ୟପକ୍ଷେ ଧାନକିଣାର ସ୍ୱଚ୍ଛତା ଉଦ୍ଦେଶ୍ୟରେ ସମ୍ପାଦକମାନଙ୍କର କାର୍ଯ୍ୟ ତଦାରଖ ବୈଠକ ୨ବର୍ଷ ହେଲା କରାଯାଉ ନାହିଁ। ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଜିଲାପାଳ ବୈଠକ ଡକାଇ ବନ୍ଦ କରିଥିଲେ। ୨୦୨୦-୨୧ରେ ପୁଣି ଜିଲାପାଳ ବୈଠକ ଡକାଇଲେ ନାହିଁ। ୨ ବର୍ଷଯାକ ବୈଠକକୁ କରୋନା ଆଳରେ ବନ୍ଦ କରି ଦିଆଗଲା। ଏହା ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥା'ନ୍ତା। ଦୁର୍ନୀତିର ତଦନ୍ତ ପାଇଁ ଗଠିତ ଜିଲାସ୍ତରୀୟ ସ୍କ୍ୱାଡ୍ ରିପୋର୍ଟ ମଧ ଏଥିରେ ସ୍ଥାନ ପାଇଥାନ୍ତା। ବୈଠକ ନ ହେବାରୁ ସବୁ ଲୁଚିଗଲା। ଫଳସ୍ୱରୂପ ୩ ବର୍ଷ ହେଲା ନକଲି ଚାଷୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ମିଲର, ମଣ୍ଡି ସମ୍ପାଦକ ଓ ଧାନ ବେପାରୀଙ୍କ ସହଯୋଗରେ ନକଲି ଚାଷୀମାନେ ଚାଷୀଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରୁଛନ୍ତି। ଚାଷୀ ଜାଣିବା ପୂର୍ବରୁ ତାଙ୍କ ନାମରେ ଧାନ ବିକ୍ରି ହୋଇଯାଉଛି। ଭାଗଚାଷୀ ବି ଜାଣିପାରୁ ନାହିଁ। ପୁଣି ପଡିଆ, ମୁଣ୍ଡିଆ, ପୋଖରୀ, ସରକାରୀ ଜମିକୁ ଜଳସେଚିତ ଜମି ନାଁରେ ଦୁର୍ନୀତି ଚାଲିଛି। ଏଣୁ ୩ ବର୍ଷ ହେଲା ଅଧିକାଂଶ ପ୍ରକୃତ ଭାଗଚାଷୀ ଓ ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇଲେ ନାହିଁ। ପୁଣି ବଡ ଧାନଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇ ନ ଥିବା ଜଣାପଡିଛି। ଏ ନେଇ ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ଚାଷୀ ଉପେକ୍ଷିତ ଓ ଶୋଷିତ ହୋଇ ଚାଲିଛନ୍ତି। ଚାଷୀର ସମସ୍ୟାକୁ ଅନୁଧ୍ୟାନ କରି ସବୁ କିଛି ଠିକ୍‌ଠାକ୍ ଚାଲୁଛି ବୋଲି କୁହାଯାଉଥିବାରୁ ଚାଷୀ ଓ ଚାଷ ଉପେକ୍ଷିତ ହୋଇ ରହିଯାଉଛି। ଏଆରସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରେ ଧାନକିଣା ଓ ଚାଷୀ ପଞ୍ଜୀକରଣରେ ଅନିୟମିତତା ପରେ ତଦନ୍ତ କରାଯାଉଛି। ଦୁର୍ନୀତି ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ୩ ବର୍ଷରେ ୯ ଜଣ ନିଲମ୍ବିତ ଓ ୫ଜଣ ବହିଷ୍କୃତ ହୋଇ ସାରିଲେଣି। ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉନାହିଁ ବୋଲି କହିଛନ୍ତି।



ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିରେ ସମବାୟ ସମିତି ଡାଟା ଏଣ୍ଟ୍ରି ଅପରେଟରମାନେ ଧାରଣା ଦେଇଛନ୍ତି।

# ଡାଟା ଏଣ୍ଟ୍ରି ଅପରେଟରଙ୍କ ଗଣଧାରଣା

**ନୟାଗଡ଼ ଅଫିସ, ୮।୧୧**

ନୟାଗଡ଼ ସହକାରୀ ନିବନ୍ଧକ ସମବାୟ ସମିତି (ଏଆରସିଏସ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ମାନେ ସୋମବାର ଗଣଧାରଣା ଦେଇଥିଲେ। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପାରିଶ୍ରମିକ ବୃଦ୍ଧି, ସମସ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସହସମ୍ପାଦକ ପଦବୀକୁ ପଦୋନ୍ନତି ଓ ଆକ୍ରୋଶମୂଳକ ପଦକ୍ଷେପ ବନ୍ଦ କରିବା ପରି ୩ ଦଫା ଦାବି ପୂରଣ ନେଇ ଗଣଧାରଣା ଦିଆଯାଇଥିଲା। ଅପରେଟରମାନେ ପୂର୍ବାହ୍ନରେ ନୟାଗଡ଼ ଡାକ ବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଏଆରସିଏସ୍ କାର୍ଯ୍ୟାଳୟରେ ପହଞ୍ଚି ଗଣଧାରଣାରେ ସାମିଲ ହୋଇଥିଲେ। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପସଭାପତି ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ଅନୁଷ୍ଠାନର ଉପଦେଷ୍ଟା ଲକ୍ଷ୍ମଣ ମଲ୍ଲ, ସଭାପତି ବାମନ ଚନ୍ଦ୍ର ରାଜ, ସମ୍ପାଦକ କେଦାରନାଥ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏ ନେଇ ଏଆରସିଏସ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଡିଇଓଙ୍କ ଗଣଧାରଣା ନେଇ ଅଭିଯୋଗ ପାଇବା ପରେ ଉପନିବନ୍ଧକ (ଡିଆରସିଏସ୍) ପୁରୀ, ନିବନ୍ଧକ (ରେଜିଷ୍ଟ୍ରାର) କୋ-ଅପରେଟିଭ ସୋସାଇଟି ଭୁବନେଶ୍ୱରଙ୍କୁ ଅବଗତ କରାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ମହିଳା ସାକ୍ଷରତା, ସଶକ୍ତୀକରଣ ପ୍ରଶିକ୍ଷଣ ଶିବିର




ଶିବିରରେ ଉପସ୍ଥିତ ଅତିଥିମାନେ।

**ନୟାଗଡ଼ ଅଫିସ,୮।୧୧**

ନୟାଗଡ଼ରେ ମହିଳା ସାକ୍ଷରତା ଓ ସଶକ୍ତୀକରଣ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଶିବିରରେ ଜିଲା ଜଜ୍ ରୂପଶ୍ରୀ ଚୌଧୁରୀ ପ୍ରଶିକ୍ଷଣ ଦେଇ କହିଥିଲେ, ମହିଳାମାନେ ନିଜ ନିଜ କ୍ଷେତ୍ରରେ ସମାଜରେ ସଶକ୍ତ ହୁଅନ୍ତୁ। ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ସଶକ୍ତ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲା ଜଜ୍ ଇତିଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ମହିଳା ଜଜ୍ ବନାଳି ତ୍ରିପାଠୀ, ସଚିବ ରଞ୍ଜୁଲତା ଲେଙ୍କା, ଏସ୍‌ଡିଜେଏମ୍ ବବିତା ପାତ୍ର, ଜେଏମ୍‌ଏଫ୍‌ସି ପ୍ରଚେତା ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରେଜିଷ୍ଟ୍ରାର ସିଭିଲ କୋର୍ଟ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ମହିଳାମାନଙ୍କ ପାଇଁ ଥିବା ଆଇନକାନୁନ, ସେମାନଙ୍କର ପ୍ରଗତି, ଉନ୍ନତି, ଶିକ୍ଷା, ସ୍ୱାସ୍ଥ୍ୟ ଓ କର୍ମ ସଂସ୍ଥାନ ଉପରେ ଆଲୋକପାତ କରିଥିଲେ। ଏଥିରେ ଦଶପଲ୍ଲା, ଖଣ୍ଡପଡ଼ା, ରଣପୁର, ଓଡ଼ଗାଁ, ଭାପୁର, ନୟାଗଡ଼ର ମହିଳାମାନେ ଯୋଗ ଦେଇଥିଲେ।

# ଡାଳ ହାଣିବାବେଳେ ଭାଙ୍ଗିପଡ଼ିବାରୁ ବୃଦ୍ଧ ମୃତ

**ନୟାଗଡ଼ ଅଫିସ,୮।୧୧**

ମା'ଙ୍କ ଶ୍ରାଦ୍ଧଭୋଜି ପାଇଁ ଜାଳେଣି କାଠ ହାଣୁଥିବା ବେଳେ ଗଛର ଡାଳ ଭାଙ୍ଗି ପଡ଼ିବାରୁ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱର ପଣ୍ଡା(୬୦)। ଘର ନୟାଗଡ଼ ସଦର ଥାନାର ତୋଟାସାହିରେ। ଖବରପାଇ ନୟାଗଡ଼ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ନଂ. ୧୧/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁସାରେ, ତୋଟାସାହିର ମହେଶ୍ୱର ମା'ଙ୍କ ମଙ୍ଗଳବାର ଶ୍ରାଦ୍ଧ ପାଇଁ ଭୋଜି ହୋଇଥା'ନ୍ତା। ଭୋଜି ପାଇଁ କାଠ ସଂଗ୍ରହ ଲାଗି ମହେଶ୍ୱର ଗାଁ ପାଖ ଆମ୍ବଗଛ ନିକଟକୁ ପୂର୍ବାହ୍ନରେ ଯାଇଥିଲେ। ହେଲେ ଶୁଖିଲା କାଠ ହାଣୁ ହାଣୁ ଗଛ ଡାଳଟି ଭାଙ୍ଗି ପଡିଥିଲା। ସେ ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

# ମନ୍ତ୍ରୀଙ୍କ ଗିରଫ, ବହିଷ୍କାର ଦାବିରେ ଭାଜପାର ବିକ୍ଷୋଭ

**ନୟାଗଡ଼ ଅଫିସ/ଓଡଗାଁ,୮।୧୧(ସ୍ୱ.ପ୍ର.)**

ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣା ସାରା ରାଜ୍ୟରେ ଚହଳ ପକାଇ ଥିବା ବେଳେ ଭାଜପା ଏହାକୁ ନେଇ ନ୍ୟାୟ ମାଗୁଛି। ଭାଜପା ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ଭାଜପା କର୍ମୀମାନଙ୍କ ଶୋଭାଯାତ୍ରା ସୋମବାର ଓଡ଼ଗାଁ ଥାନାଠାରୁ ବାହାରି ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ମମିତା ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରି ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସେ ଗୃହ ରାଷ୍ଟ୍ରମନ୍ତ୍ରୀ ଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହେଉଛି। ଏଣୁ ନିରପେକ୍ଷ ତଦନ୍ତ ପାଇଁ ନୈତିକତା ଦୃଷ୍ଟିରୁ ସେ ନିଜେ ଇସ୍ତଫା ଦେବା ଜରୁରୀ ହୋଇଥିଲେ ହେଁ ସେ ଦେଉନାହାନ୍ତି। ସେହିପରି ନୟାଗଡ଼ ପରୀ ହତ୍ୟା ଘଟଣାକୁ ନେଇ ମନ୍ତ୍ରୀ ଅରୁଣ ସାହୁ, ମାହାଙ୍ଗା ଡବଲ ମଡ଼ର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ ସମାଲୋଚନା କରାଯାଇଥିଲା। ୩ ମନ୍ତ୍ରୀଙ୍କ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସବୁ ଜାଣି ନିରବ ରହୁଥିବା ପ୍ରତିବାଦରେ ଭାଜପା ସମର୍ଥକ ଓ କର୍ମୀମାନେ ବିଶୋଦ୍‌ଗାର କରିବା ସହ ବ୍ଲକ ମୁଖ୍ୟ ଫାଟକ ଆଗରେ ୪ ଜଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।




ଓଡ଼ଗାଁ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ୪ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

# ଖଣି ନିଲାମ ବାତିଲ ଦାବିରେ ତହସିଲ ଘେରାଉ

**ରଣପୁର,୮।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ତହସିଲ ସୁନାଖଳା ଅଧୀନରେ ଥିବା ବିଭିନ୍ନ ଖଣି ଖାଦାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇ କଳା ମୁଗୁନି ପଥର କ୍ରଶର ପାଇଁ ଉତ୍ତୋଳନ କରାଯାଉଛି। କ୍ରଶରରୁ ବାହାରୁଥିବା ଗୋଡ଼ି ଓ ମେଟାଲକୁ ଦିନରେ ବାହାର ଜିଲାକୁ ଚାଲାଣ କରାଯାଉଛି। ପଥର ବ୍ଲାଷ୍ଟିଂ ଫଳରେ ପାହାଡ଼ ନିକଟରେ ଥିବା ଗ୍ରାମଗୁଡିକର ଘରର କାନ୍ଥ ଫାଟିବା ସହ ଜମିରେ ପଥର ପଡି ନଷ୍ଟ ହେଉଛି। ଗୋରୁଙ୍କ ଲାଗି ଚାରଣଭୂମି ରହୁନାହିଁ। ଏ ନେଇ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନାହିଁ। ଏହାର ପ୍ରତିବାଦରେ ସୋମବାର ୬ ପଞ୍ଚାୟତବାସୀ ରଣପୁର ତହସିଲ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣାରେ ବସି ରହିଥିଲେ।

ସୂଚନାଯୋଗ୍ୟ, ରଣପୁରର ଛପରି କୋଇଲମା ମୌଜାରେ ତହସିଲଦାର ନିଲାମ ଦେଇଥିବା ୪ କଳା ମୁଗୁନି ପଥର ଖଣି ନେଇଥିବା ବ୍ୟକ୍ତିମାନେ ଆତଙ୍କରାଜ ଚଳାଇଛନ୍ତି। ଏହା ବିରୋଧରେ ଶୋଭାଯାତ୍ରା ପଞ୍ଚୁଦୋଳ ପଡିଆ ଶହୀଦ ମଣ୍ଡପଠାରୁ ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବାହାରି ରଣପୁର ସହର ପରିକ୍ରମା କରିଥିଲା। ପରେ ତହସିଲ ସମ୍ମୁଖରେ ଶରତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ରଣପୁର ପ୍ରଶାସନ ଓ ରାଜନେତା ମାଫିଆମାନଙ୍କ ଅସାଧୁ ମେଣ୍ଟକୁ ବକ୍ତାମାନେ ତୀବ୍ର ସମାଲୋଚନା କରିଥିଲେ। ବେଆଇନ ପଥର ଖଣି ଓ କ୍ରଶର ନିଲାମ ବାତିଲ କରିବା, ଜଙ୍ଗଲ ଧ୍ୱଂସକାରୀ ନିଲାମଧାରୀଙ୍କୁ ଦଣ୍ଡଦେବା, ବ୍ଲାଷ୍ଟିଂ ତୁରନ୍ତ ବନ୍ଦ କରିବା, ବାହାର ଖଣି ମାଫିଆଙ୍କୁ ପ୍ରବେଶ ନିଷେଧ କରିବା, ଜଙ୍ଗଲ ସୁରକ୍ଷା ଓ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ସହ ବ୍ଲାଷ୍ଟିଂ ଯୋଗୁ ଫାଟିଥିବା ଓ ଭାଙ୍ଗିଥିବା ଘରର ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଦାବିରେ ଉଲ୍ଲେଖ କରାଯାଇଛି। ଆନ୍ଦୋଳନକାରୀମାନେ ରଣପୁର ତହସିଲ ସମ୍ମୁଖରେ ଗଣବିକ୍ଷୋଭ କରିବା ସହ ତହସିଲ କାର୍ଯ୍ୟାଳୟକୁ ୬ ଘଣ୍ଟା ଘେରାଉ କରି ବିଭିନ୍ନ ନାରାବାଜି କରିଥିଲେ। ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦେବାକୁ ଧମକ ଦେବାରେ ତହସିଲଦାର ଯୁଗଳ କିଶୋର ମିଶ୍ର ଆନ୍ଦୋଳନକାରୀଙ୍କ ପାଖକୁ ଯାଇ ବୁଝାଶୁଝା କରିବା ସହ ୭ ଦଫା ସମ୍ବଳିତ ଦାବି ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ସହ ଆଲୋଚନା କରିଥିଲେ। ବର୍ତ୍ତମାନଠାରୁ ବେଆଇନ ଡିନାମାଇଟି ବ୍ଲାଷ୍ଟିଂ ବନ୍ଦ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ୭ଦଫା ସମ୍ବଳିତ ଦାବି ଉପରେ ଜିଲା ପ୍ରଶାସନ ସହ ପରାମର୍ଶ କରି ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ଦାବିକୁ କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ବିକ୍ଷୋଭରେ ଆଇନଜୀବୀ ସୂର୍ଯ୍ୟନାରାୟଣ ମହାପାତ୍ର, ବିଜେଡି ବରିଷ୍ଠ ନେତା ଗିରିଜା ମହାପାତ୍ର, ସିପିଏମ୍ ନେତା ସୁରେଶ ସ୍ୱାଇଁ, କଂଗ୍ରେସର ଯୁବନେତା ସତ୍ୟବ୍ରତ ନାୟକ, ଭିକାରୀ ଚରଣ ସାହୁ, ଭାଗୀ ନାୟକ, ମହାଦେବ ମହାରଣା, କୈଳାସ ସାହୁ, ସୁଶାନ୍ତ ରଣବିର ସିଂ, ଧନେଶ୍ୱର ବରାଡ଼ ପ୍ରମୁଖ ଯୋଗଦେଇଥିଲେ।




ପଥର ଖଣି ନିଲାମ ବାତିଲ ଦାବିରେ ରଣପୁର ବ୍ଲକର ୬ ପଞ୍ଚାୟତର ଲୋକ ଶୋଭାଯାତ୍ରାରେ ତହସିଲ ଅଭିମୁଖେ ଆସୁଛନ୍ତି।

## ସଂକ୍ଷେପରେ

### ଭାଜପା ପକ୍ଷରୁ କୁଶପୁତ୍ତଳିକା ଦାହ
### ମମିତା ମେହେର ହତ୍ୟା ଘଟଣା

**ରଣପୁର,୮।୧୧(ସ୍ୱ.ପ୍ର.):** ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିରୋଧୀମାନେ ସାରା ରାଜ୍ୟରେ ପ୍ରତିବାଦ କରୁଛନ୍ତି। ସୋମବାର ରଣପୁର ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ରଣପୁର ବ୍ଲକରେ ପହଞ୍ଚି ଥିଲେ। ସେଠାରେ ଭାଜପା ଏକ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ଅରୁଣ ସାହୁଙ୍କର କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ତାପସ ରଞ୍ଜନ ମାର୍ଥା ଓ ଭାଜପା କର୍ମୀମାନେ ଯୋଗ ଦେଇଥିଲେ।

### ମା' କାଳୀଙ୍କୁ ମେଲାଣି

**ବୁଗୁଡ଼ା,୮।୧୧(ଡି.ଏନ.ଏ.):** ବୁଗୁଡ଼ା ମଦନମୋହନ ଛକସ୍ଥିତ ଅସ୍ଥାୟୀ ମଣ୍ଡପରେ ଗତ ଗୁରୁବାରଠାରୁ ପୂଜା ପାଇ ଆସୁଥିବା ମା' କାଳୀ ରବିବାର ରାତିରେ ମେଲାଣି ନେଇଛନ୍ତି। କୋଭିଡ୍ କଟକଣା ମଧ୍ୟରେ ପୂଜା କମିଟିର ସଦସ୍ୟ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଦ୍ୱାରା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ମା' କାଳୀଙ୍କ ଭସାଣି କାର୍ଯ୍ୟକ୍ରମ ଶୃଙ୍ଖଳିତ କରିବା ପାଇଁ ପୂଜା କମିଟିର ସଦସ୍ୟ ଓ କର୍ମକର୍ତ୍ତାଗଣ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ।

### ମିନିବସ ମାଲିକ ସଂଘ ବୈଠକ

**ଛତ୍ରପୁର,୮।୧୧(ଡି.ଏନ.ଏ.):** ଗଞ୍ଜାମ ଜିଲା ମିନିବସ ମାଲିକ ସଂଘର ସାଧାରଣ ବୈଠକ ଛତ୍ରପୁର ସ୍ଥିତ ତାମ୍ପରାଠାରେ ସଭାପତି ସନ୍ତୋଷ କୁମାର ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର, ଛତ୍ରପୁର, ପୁରୀ, ଜହ୍ନିକୁଦା, ଖଲ୍ଲିକୋଟ, ପୁରୁଷୋତ୍ତମପୁର ଅଞ୍ଚଳର ୭୦ରୁ ଅଧିକ ବସ ମାଲିକ ଯୋଗ ଦେଇଥିଲେ। ବସ୍‌ରେ ଉତ୍ତମ ସେବା ଯୋଗାଇବା ନିମନ୍ତେ ଆଲୋଚନା ହୋଇଥିଲା । ଘରୋଇ ବସ ପ୍ରତି ପ୍ରଶାସନ ଅଣଦେଖା କରୁଥିବାରୁ ମାଲିକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲାର ବିଭିନ୍ନ ରୁଟରେ ଚାଲୁଥିବା ସିଟି ବସଗୁଡିକର ଗତ ସେପ୍ଟେମ୍ବର ୩୦ରୁ ଚୁକ୍ତିନାମା ଅବଧି ସରିଛି। ପ୍ରଶାସନ ଜାଣତରେ ଏପରି ଚାଲିଥିଲେ ମଧ ପ୍ରଶାସନ ପକ୍ଷରୁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ବର୍ତ୍ତମାନ ଘରୋଇ ବସ ମାଲିକମାନେ ବହୁ ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ତେଣୁ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମାଲିକ ସଂଘର ଦାବି ରହିଛି । ସେହିପରି ତୈଳଦର ହ୍ରାସ ପାଇଥିବାରୁ ଜନସାଧାରଣ ବସ୍‌ରେ ଯାତ୍ରା ବେଳେ ଟିକେଟ ଦର ମଧ ହ୍ରାସ କରିବା ପାଇଁ ବସ ମାଲିକମାନେ ଆଲୋଚନା କରିଥିଲେ । ବୈଠକରେ ସଂପାଦକ ସମୀର ମିଶ୍ର, କୋଷାଧ୍ୟକ୍ଷ ବିଜୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସ୍ୱାଇଁ, ଅମିତ୍ ଦାସ, କାଳୁ ପଲେଇଙ୍କ ସମେତ ବହୁସଂଖ୍ୟକ ବସ ମାଲିକମାନେ ଉପସ୍ଥିତ ଥିଲେ ।

### ଜିଲାପାଳଙ୍କ ସ୍ମାର୍ଟ କ୍ଲାସ୍ ପରିଦର୍ଶନ

**ଚିକିଟି,୮।୧୧(ଡି.ଏନ.ଏ.):** ଗଞ୍ଜାମଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଚିକିଟି ବ୍ଲକ୍ ଅଧୀନରେ ଚାଲିଥିବା ୩ଟି ସ୍ମାର୍ଟ କ୍ଲାସ୍ ପରିଦର୍ଶନ କରିଛନ୍ତି। ବ୍ଲକ୍‌ର କୃଷ୍ଣପୁର ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ପିତାତଳି ଓ ବାହିନିପତି ସ୍ଥିତ ଓଁ ଶ୍ରୀ ଗୁରୁ ଆଦିବାସି ଆବାସିକ ଉଚ୍ଚବିଦ୍ୟାଳୟରେ ଚାଲିଥିବା ସ୍ମାର୍ଟ କ୍ଲାସ ଗୃହ ଗୁଡିକ ତୁରନ୍ତ ଶେଷ କରିବା ପାଇଁ ଜିଲାପାଳ ତାଗିଦ କରିଥିଲେ। ଏଥିସହ ପ୍ରତ୍ୟେକ ପ୍ରଧାନ ଶିକ୍ଷକଙ୍କ ସହିତ ସ୍ମାର୍ଟ କ୍ଲାସ, ଲାଇବ୍ରେରି, ପରିସ୍ରାଗାର ସମେତ ବିଭିନ୍ନ ଆନୁସଙ୍ଗିକ ଉପରେ ଅଲୋଚନା କରି ଫେରିଥିଲେ। ଜିଲାପାଳଙ୍କ ସମେତ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଉପସ୍ଥିତ ଥିଲେ।

### ଶ୍ରୀଅରବିନ୍ଦ ନୂତନ ପାଠଚକ୍ର ଉଦ୍‌ଘାଟିତ

**ଭଞ୍ଜନଗର,୮।୧୧(ଡି.ଏନ.ଏ.) :** ଭଞ୍ଜନଗର ବ୍ଲକ ଜିଲୁଣ୍ଡିରେ ପଦ୍ମଚରଣ ସେଠୀଙ୍କ ବାସଭବନରେ ସୋମବାର ଶ୍ରୀଅରବିନ୍ଦ ନୂତନ ପାଠଚକ୍ର ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା, ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଂଗଠିକା ରତ୍ନ ମଞ୍ଜରୀ ପାଢ଼ି ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରଞ୍ଜିତା ପାଣିଗ୍ରାହୀ ମାତୃ ବନ୍ଦନା ଗାନ କରିଥିଲେ। ସୁନନ୍ଦା ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବ୍ଲକ ସଂଗଠକ ବାବୁଲା ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାମାଜିକ ନାଟକ ମଞ୍ଚସ୍ଥ



**ଖଣ୍ଡପଡ଼ା, ୮।୧୧ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗଣପତି ନାଟ୍ୟ ସଂସଦର ୩ୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମାଜିକ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ମଞ୍ଚସ୍ଥ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶଖର ସିଂ, ଖଣ୍ଡପଡା ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ଅଖିଳ କୁମାର ମହାରଣା, ଶିଶୁ କବି କାଶୀନାଥ ଦାସ ଓ ପ୍ରଦୀପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଖଣ୍ଡପଡ଼ା କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ନାଟକକୁ ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ଦାଶ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ସଦସ୍ୟ ଗୋପୀନାଥ ଆଚାର୍ଯ୍ୟ, ସନ୍ତୋଷ କୁମାର ନାୟକ, ରବୀନ୍ଦ୍ରନାଥ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମନ୍ଦିର ସଫା କଲେ କଲେଜ ଛାତ୍ରୀ

**ଦଶପଲ୍ଲା,୮।୧୧( ଡି.ଏନ.ଏ.)**

କାର୍ତ୍ତିକ ମାସରେ ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ପୂଜା ସହ ଭୋଗ ପରେ ଦୀପ ଲଗାଇ ଚାଲିଯା'ନ୍ତି। କିନ୍ତୁ ସେଠାରେ ବିଭିନ୍ନ ଫଳ ଚୋପା, କଦଳୀପତ୍ର, ଖଲି, ଠୋଲା ଆଦି ପଡିବା ସହ ଧୀରେ ଧୀରେ ସେସବୁ ପରିବେଶକୁ ଦୂଷିତ କରେ। ଏସବୁ କଥାକୁ ଦୃଷ୍ଟିରେ ରଖି ସ୍ଥାନୀୟ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଦୁର୍ଗାବତୀ ଆଚାର୍ଯ୍ୟ ରାଷ୍ଟ୍ରୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରୀମାନଙ୍କୁ ନେଇ ନିକଟସ୍ଥ ବନଦୁର୍ଗା, ସାଇ, ତ୍ରିନାଥ ମନ୍ଦିର ଆଦି ସଫା କରାଇଥିଲେ। ପରେ ନିଜ କଲେଜ ପରିସର ସଫା କରିବା ସହ ପିଲାମାନଙ୍କୁ ସ୍ୱଚ୍ଛତା ସମ୍ପର୍କରେ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଷ୍ଟାଫ୍ ବିଧାନ ରାୟ, କରୁଣା ସାଗର, ଅଜୟ ବେହେରା, ଯୋଗେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

**ବୁଗୁଡ଼ା,୮।୧୧(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ବରଡିପଲ୍ଲୀ ଠାରେ ଗତ ଗୁରୁବାର ଟ୍ରକ ଧକ୍କାରେ ପରିବା ବ୍ୟବସାୟୀ କାଳିଆ ନାୟକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଗରେଇଝୁଲି ଗ୍ରାମର ରାଜେଶ ପ୍ରଧାନଙ୍କୁ ପୋଲିସ ସୋମବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଦୀପାବଳି ରାତି ପ୍ରାୟ ୧୦ଟାରେ କାଳିଆ ନିଜ ଘର ଆଗରେ ଠିଆ ହୋଇଥିବା ବେଳେ ବୁଗୁଡ଼ା ପଟୁ ନୟାଗଡ଼ ଆଡକୁ ଯାଉଥିବା ଟ୍ରକ (ନଂ.ଏପି ୩୦ ଟିଏ ୩୫୬୯) ତାଙ୍କୁ ଧକ୍କା ଦେଇ ଦୁଇଟି ସାଇକେଲ ଉପରେ ଚଢି ଯାଇଥିଲା। କାଳିଆଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ. ୫୮୨ /୨୧ ଏକ ମାମଲା ହୋଇଥିଲା।

### କୂଅରେ ପଡି ମହିଳାଙ୍କ ମୃତ୍ୟୁ

**ଆସିକା,୮।୧୧(ଡି.ଏନ.ଏ.)**

ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ବାରି କୂଅରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ପଦ୍ମାବତୀ ନାୟକ (୬୫) । ପରିବାର ଲୋକେ ଘରେ ନ ଥିବା ବେଳେ ପଦ୍ମାବତୀ ପାଣି ଆଣିବାକୁ ଯାଇ କୂଅରେ ପଡିଯାଇଥିଲେ । ଦୀର୍ଘ ସମୟ ଘରକୁ ନ ଫେରିବାରୁ ତାଙ୍କୁ ବହୁ ଖୋଜାଖୋଜି କରାଯାଇଥିଲା। ପଦ୍ମାବତୀ କୂଅରେ ପଡ଼ିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଗ୍ନିଶମ ବାହନୀ ପହଞ୍ଚି ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।ଏ ନେଇ ଆସିକା ଥାନାରେ ମୃତ ମହିଳାଙ୍କ ପୁଅ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

